# NATIONAL NEWS BULLETIN (ODIA)
## 5 March - 2025
## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ଆଲୋଚନାରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ଆଦର୍ଶ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଯୋଜନା ।

- ପରିବର୍ତ୍ତନଶୀଳ ଗଣମାଧ୍ୟମ ଦୁନିଆରେ ଦେଶକୁ ସର୍ବଦା ପ୍ରାଥମିକତା ଦେବାକୁ ଆଇ.ଆଇ.ଏମ୍.ସି. ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- ଆମେରିକା ରାଷ୍ଟ୍ରପତିଙ୍କ ନେତୃତ୍ୱରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କଲେ ୟୁକ୍ରେନ୍ ରାଷ୍ଟ୍ରପତି ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ମୁହାଁମୁହିଁ ହେବେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ।

## ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ୱେବିନାରରେ ଯୋଗଦେବେ । ଆଭାସି ଜରିଆରେ ଆୟୋଜିତ ହେବାକୁ ଥିବା ଏହି ୱେବିନାରର ବିଷୟବସ୍ତୁ ରହିଛି – 'ପୁଞ୍ଜିନିବେଶ, ଅର୍ଥନୀତି ଏବଂ ଉଦ୍ଭାବନ' । ନିଯୁକ୍ତି ସୃଷ୍ଟି ସରକାରଙ୍କ ଅନ୍ୟତମ ପ୍ରମୁଖ କ୍ଷେତ୍ର । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ରସରକାର ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ୱେବିନାର ସରକାର, ଶିଳ୍ପ, ଶିକ୍ଷାବିତ୍ ଏବଂ ନାଗରିକମାନଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ସହ ପରିବର୍ତ୍ତନଶୀଳ ବଜେଟ୍ ଘୋଷଣା ଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉତ୍ସାହିତ କରିବ । ନିରନ୍ତର ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ

ନେତୃତ୍ୱ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ଆଲୋଚନାର ଲକ୍ଷ୍ୟ ବୋଲି କୁହାଯାଇଛି ।

ଗତକାଲି ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଗତ ୧୦ ବର୍ଷ ମଧ୍ୟରେ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଦେଶ କ୍ରମାଗତ ଭାବରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ, ଦେଶ ଅଭିବୃଦ୍ଧି, ଉତ୍ପାଦନ, ରପ୍ତାନୀ ଏବଂ ପରମାଣୁ ଶକ୍ତିର ଇଞ୍ଜିନ ଭାବରେ ଉଭା ହୋଇଛି ।

**V/O- PM 10 YEARS**

ବଜେଟ୍‌ରେ ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରର ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ସ୍ଥିରତା ଓ ସଂସ୍କାରର ପ୍ରତିଶ୍ରୁତି ଶିଳ୍ପକ୍ଷେତ୍ରରେ ଆତ୍ମବିଶ୍ୱାସ ଆଣିପାରିଛି ବୋଲି କହିଥିଲେ । ସରକାରଙ୍କର ପ୍ରୟାସ ଅର୍ଥନୀତି ଉପରେ କୋଭିଡ୍‌ର ପ୍ରଭାବକୁ ହ୍ରାସ କରିଛି, ଯାହା ଭାରତକୁ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

**V/O- PM ON BODGET**

## ଓ୍ୱିମ୍ୟାନ୍ ପଞ୍ଚାୟତ

ପଞ୍ଚାୟତିରାଜ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଏହାର ଏକ ଜାତୀୟ ସମ୍ମିଳନୀରେ ଆଦର୍ଶ ମହିଳା ଅନୁକୂଳ ଗ୍ରାମ ପଞ୍ଚାୟତର ଶୁଭାରମ୍ଭ କରିବେ । ଆନ୍ତର୍ଜାତିକ ମହିଳା ଦିବସ ପାଳନର ଏକ ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ପ୍ରତ୍ୟେକ ଜିଲ୍ଲାରେ ଅତି କମ୍‌ରେ ଗୋଟିଏ ଆଦର୍ଶ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଏବଂ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

## ପାକିସ୍ତାନ ବ୍ଲାଷ୍ଟ୍

ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନ୍ ଖୱା ପ୍ରଦେଶର ବାନୁ କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରେ ଗତକାଲି ଏକ ଆତ୍ମଘାତି ଆକ୍ରମଣରେ ୪ ଜଣ ଶିଶୁଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୩୦ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଗତ ସନ୍ଧ୍ୟାରେ ୨ଟି ବିସ୍ଫୋରକ ବୋଝେଇ ଗାଡ଼ି କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳର କାନ୍ଥରେ ଧକ୍କା ଦେବାରୁ ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣ ପାଇଁ ହାଫିଜଗୁଲ୍ ବାହାଦୂର ସହ

ସମ୍ପୃକ୍ତ ଆତଙ୍କବାଦୀ ସଂଗଠନ ଜୈସ୍-ଅଲ୍-ଫର୍ସାନ୍ ନିଜକୁ ଦାୟି କରିଛି । ସେନା ପକ୍ଷରୁ କ୍ୟାଣ୍ଟନ୍‌ମେଣ୍ଟ ଭାଙ୍ଗିବାକୁ ଉଦ୍ୟମ କରିଥିବା ୬ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିବା ସହ ଅଭିଯାନ ଜାରି ରହିଛି । ଏହି ଘଟଣାକୁ ପଖ୍‌ତୁନ୍ ଖୱା ମୁଖ୍ୟମନ୍ତ୍ରୀ ଅଲି ଅମିନ୍ ଗଣ୍ଡାପୁର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

# ବୈଷ୍ଣବ-ଆଇଆଇଏମ୍‌ସି

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଛାତ୍ରଛାତ୍ରୀଙ୍କୁ ନିଜ କାର୍ଯ୍ୟ ପ୍ରତି ଧ୍ୟାନ ଦେବା ସହ ଲକ୍ଷ୍ୟ ପୂରଣ ଦିଗରେ ପ୍ରତିଶ୍ରୁତିବଦ୍ଧ ରହିବାକୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ଆଇ.ଆଇ.ଏମ୍.ସି.ର ୫୬ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଗଣମାଧ୍ୟମ ଦୁନିଆରେ ନିରନ୍ତର ପରବର୍ତ୍ତନ ଘଟୁଛି । ତେବେ ଦେଶକୁ ସର୍ବଦା ପ୍ରାଥମିକତା ଦେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ କହିଛନ୍ତି । ଆଗାମୀ ଦିନରେ ଆଇ.ଆଇ.ଏମ୍.ସି.କୁ ଅତ୍ୟାଧୁନିକ ସୁବିଧା ସହ ଏକ ବିଶ୍ୱସ୍ତରୀୟ ଗଣମାଧ୍ୟମ ଅନୁଷ୍ଠାନରେ ପରିଣତ କରିବାକୁ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ ।

**V/O**

ଏହି ଅବସରରେ ଶ୍ରୀ ବୈଷ୍ଣବ ଆଇ.ଆଇ.ଏମ୍.ସି.ର ପରବର୍ତ୍ତୀ ସଂସ୍କରଣରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଏବଂ ଯୋଗାଯୋଗ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ଗଣମାଧ୍ୟମ ଶିଳ୍ପ ସହ ଦୃଢ଼ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଟ୍ରମ୍ପ-ଜେଲେନ୍‌ସ୍କି

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନେତୃତ୍ୱରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଗତ ଶୁକ୍ରବାର ଦିନ ହ୍ୱାଇଟ୍ ହାଉସ୍‌ରେ ଉଭୟ ଦେଶର ରାଷ୍ଟ୍ରପତିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ପରେ ଗତକାଲି ୟୁକ୍ରେନ୍ ରାଷ୍ଟ୍ରପତି ଏଭଳି ମନୋଭାବ ପୋଷଣ କରିଥିବା ଜଣାପଡ଼ିଛି । ଆମେରିକା ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦ କରିବା ପରେ ଜେଲେନ୍‌ସ୍କି ଶାନ୍ତି ଚୁକ୍ତି ଏବଂ ଖଣିଜ ଚୁକ୍ତି ସ୍ୱାକ୍ଷର କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଗତ ରାତିରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତି ଗତ ଶୁକ୍ରବାର ହ୍ୱାଇଟ୍‌ହାଉସ୍‌ରେ ଅନୁଷ୍ଠିତ ବୈଠକକୁ ଦୁଃଖଦାୟକ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଯଦି ରୁଷ ଯୁଦ୍ଧ ଶେଷ କରିବା ପାଇଁ ରାଜି ହୁଏ ତେବେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ନିଷେଧାଦେଶ ଓ ବନ୍ଧକମାନଙ୍କୁ ମୁକ୍ତ କରିବା ପ୍ରସ୍ତାବ ଉପରେ ବିଚାର କରାଯିବ ।

ଅନ୍ୟ ପକ୍ଷରେ ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦ କରିବା ନେଇ ଆମେରିକାର ନିଷ୍ପତ୍ତି ଉପରେ ମିଳିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟନ୍ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ପଦକ୍ଷେପ ନେବାକୁ ୟୁରୋପ ପ୍ରସ୍ତୁତ ଅଛି । ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ୍' ଜେଲେନ୍‌ସ୍କିଙ୍କ ମତାମତକୁ ପ୍ରଶଂସା କରିଛନ୍ତି ଏବଂ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ ଶାନ୍ତି ସ୍ଥାପନ ପାଇଁ ୟୁକ୍ରେନ୍‌ର ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ତେବେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଆମେରିକାର ସାମରିକ କଟକଣାକୁ ସ୍ୱାଗତ କରିଥିବା ଜଣାପଡ଼ିଛି ।

## ବୈଷ୍ଣବ-ବେଲ୍‌ଜିୟମ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ନୂଆଦିଲ୍ଲୀରେ ବେଲ୍‌ଜିୟମ୍‌ର ରାଜକୁମାରୀ ଆଷ୍ଟ୍ରିଡ୍‌ଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ପ୍ରଯୁକ୍ତି ବିଦ୍ୟା, ପ୍ରତିରକ୍ଷା ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ଦୃଢ଼ ସହଯୋଗ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତରେ ଗ୍ରାମାଞ୍ଚଳରେ ୟୁ.ପି.ଆଇ.ର

ପରିବର୍ତ୍ତନକାରୀ ପ୍ରଭାବ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

## ବାଂଲାଦେଶ-ମୋବ ୱ୍ୱାଟର୍

ବାଂଲାଦେଶର ରାଜଧାନୀ ଢାକାରେ ଦୁଇ ଜଣ ବିଦେଶୀଙ୍କ ଉପରେ ଆକ୍ରମଣ ହୋଇଥିବା ବେଳେ ଉତ୍ୟକ୍ତ ଜନତା ସେମାନଙ୍କ କାର୍‌କୁ ଭଙ୍ଗାରୁଜା କରିଛନ୍ତି । ସମ୍ପୃକ୍ତ ବିଦେଶୀ ନାଗରୀକମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଗତବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ଶେଖ୍ ହସିନାଙ୍କୁ ବହିଷ୍କାର କରିବା ପରଠାରୁ  ସେଠାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଖରାପ ସ୍ଥିତି ଦେଇ ଗତି କରୁଛି । ଢାକାରେ କ୍ରମାଗତ ଗଣ୍ଡଗୋଳ ଘଟୁଥିବା ବେଳେ ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହିଂସାତ୍ମକ ଅପରାଧ ବୃଦ୍ଧି ପାଇଛି ।

ଗତ ସପ୍ତାହରେ ଢାକା ବିଶ୍ୱବିଦ୍ୟାଳୟର କିଛି ଛାତ୍ର ଦେଶରେ ଅପରାଧ ବୃଦ୍ଧି ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟୁଥିବା ଦର୍ଶାଇ ଗୃହ ପରାମର୍ଶଦାତାଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ଆଇସିସି ଚାମ୍ପିୟନ୍ସ ଟ୍ରଫି

ଦୁବାଇରେ ଗତକାଲି ଅନୁଷ୍ଠିତ ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ୪ ଓ୍ୱିକେଟ୍‌ରେ ଭାରତ ପରାସ୍ତ କରିଛି । ଏଥିସହିତ ଭାରତ ଫାଇନାଲ୍‌କୁ ଉନ୍ନିତ ହୋଇଛି । ୨୬୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ୧୧ଟି ବଲ୍ ବାକିଥାଇ ୬ ଓ୍ୱିକେଟ୍ ହରାଇ ୨୬୭ରନ୍ କରିଥିଲା । ୨୦୨୩ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଠାରୁ ହାରିବା ପରେ ଭାରତ ଗତକାଲି ଛକା ମାରି ବହୁ ପ୍ରତୀକ୍ଷିତ ବିଜୟ ନିଶ୍ଚିତ କରିଥିଲା ।

ପାଓ୍ୱାର୍ ପ୍ଲେ ସମୟରେ ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ୍ ଆଉଟ୍ ହୋଇଯାଇଥିଲେ । ତେବେ ବିରାଟ କୋହଲି ଏବଂ ଶ୍ରେୟସ ଆୟର୍‌ଙ୍କ ଯୋଡ଼ି ୯୧ ରନ୍ ସ୍କୋର କରି ଇନିଂସ ସମ୍ଭାଳି ଥିଲେ । ୯୮ଟି ବଲ୍‌ରୁ ସର୍ବାଧିକ ୮୪ରନ୍ ସଂଗ୍ରହ କରି ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଶ୍ରେୟସ ଆୟାର୍ ୪୫ରନ୍ କରିଥିଲେ ।

ଏହି ବିଜୟ ସହିତ ଭାରତ ତୃତୀୟଥର ପାଇଁ ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି । ୨୦୧୩ରେ ଏମ୍.ଏସ୍. ଧୋନୀଙ୍କ ନେତୃତ୍ୱରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଏହି ଟାଇଟଲ ହାସଲ

କରିଥିଲା । ତେବେ ୨୦୧୭ରେ ଫାଇନାଲ୍‌ରେ ଭାରତ’ ପାକିସ୍ତାନ ଠାରୁ ପରାଜିତ ହୋଇଥିଲା ।

ଗତକାଲି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୪୯ ଓଭର ୩ଟି ବଲ୍‌ରେ ୨୬୪ରନ୍‌ର ସ୍କୋର ସହ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୭୩ରନ୍ କରିଥିବାବେଳେ ଆଲେକ୍ସ କେରୀ ୬୧ରନ୍ ସ୍କୋର କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ଶାମି ୩ଟି ୱିକେଟ୍ ନେଇଥିବାବେଳେ ରବୀନ୍ଦ୍ର ଜାଡ଼େଜା ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

ଆଜି ଦ୍ୱିତୀୟ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଆଜିର ବିଜେତା ସହ ଭାରତ ଆସନ୍ତା ରବିବାର ଦିନ ଫାଇନାଲ୍ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ ।